## ସଂକ୍ଷେପରେ

### ବାଇକ୍ ଆରୋହୀ ମୃତ

ମାଧପୁର,୨୬।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ କଦଳୀଗଡ ପଞ୍ଚାୟତ ଧଉରାଖମଣ ନିକଟରେ ଏକ ଟ୍ରକ୍ ଧକ୍କାରେ ଟୁସର ପଞ୍ଚାୟତ ବେଲତଇଳା ଗ୍ରାମର ସୁରେନ୍ଦ୍ର ଭୋଇ(୪୫)ଙ୍କ ମୃତ୍ୟୁ ହୋଇଛି। ସୁରେନ୍ଦ୍ର କୌଣସି କାମରେ ଶ୍ୱଶୁର ଘର ଠାକୁରପୁରକୁ ଯାଉଥିବା ସମୟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ରେଢ଼ାଖୋଲ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### କାର୍ ଓଲଟି ଯୁବ ବାହିନୀର ୬ ଗୁରୁତର



ବନ୍ତଲା,୨୬।୧୨(ଡି.ଏନ.ଏ.)- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ପମ୍ପାସର ନିକଟ ପୀୟୂସ ପ୍ଲାଣ୍ଟେଶନ ଦୁର୍ଗା ମନ୍ଦିରଠାରେ ଏକ କାର୍ ଭାରସାମ୍ୟ ହରାଇ ୩୦ ଫୁଟ ଖାଲକୁ ଖସିପଡ଼ିଛି। ଏଥିରେ ଚାଳକଙ୍କ ସମେତ ୬ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଅଁରପାଳ ଥାନା ବଳରାମ ପ୍ରସାଦ ଗ୍ରାମର ବିଭୂତି ସାହୁ (୩୭), କ୍ଷିତିଶ ନାହାକ (୨୨), ନାରଣ ଦାସ (୩୨), ସୁବ୍ରତ ସାହୁ(୧୯), ଛବୀନ୍ଦ୍ର ସାହୁ (୩୭) ଓ ଚାଳକ ବନ୍ତଲା ବଜାରର ଟୁକୁ ସାହୁ। ଏମାନେ ବିଜୁ ଯୁବ ବାହିନୀର ସଦସ୍ୟ ବୋଲି ଜଣାପଡ଼ିଛି। ପମ୍ପାସର ପୀୟୂସ ପ୍ଲାଣ୍ଟେଶନରେ ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଯୋଗଦେବା ପାଇଁ ସମସ୍ତେ କାରରେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବନ୍ତଲା ଆଇଆଇସି ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଟ୍ରକ୍-ବସ୍ ଧକ୍କା, ୧୫ ଆହତ



ଛେଣ୍ଡିପଦା,୨୬।୧୨(ସ୍ୱ.ପ୍ର.)- କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଜରପଡା ଥାନା ଭାଗୀରଥିପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ସହ ବସ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବସ୍‌ରେ ଥିବା ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଝାରସୁଗୁଡାରୁ ୨୭ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଦିଲଖୁସ୍ ବସ୍ (ନଂ. ଓଡି୦୨ ଭି-୪୫୯୭) ବିପରୀତ ଦିଗରୁ ଆସୁଥିବା କୋଇଲା ବୋଝେଇ ଟ୍ରକ୍ (ନଂ.ଓଡି୩୫ସି-୪୩୨୯) ସହ ଧକ୍କା ହୋଇଥିଲା। ଫଳରେ ୧୫ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ ଜରପଡା ପୋଲିସ ଓ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ଓ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଏବଂ ବସ୍‌କୁ ଜବତ କରିବା ସହିତ ଟ୍ରକ୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ପ୍ରତିଷ୍ଠା ଦିବସରେ ୧୨୪ ୟୁନିଟ୍ ରକ୍ତ ସଂଗ୍ରହ

କାମାକ୍ଷାନଗର,୨୬।୧୨(ଡି.ଏନ.ଏ.)



ରକ୍ତଦାତାଙ୍କୁ ମନ୍ତ୍ରୀ ଉତ୍ସାହିତ କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜୁ କଲ୍ୟାଣ ମଣ୍ଡପ ପରିସରରେ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସକାଳୁ କର୍ମୀ ଓ ଦଳୀୟ ନେତା ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ରକ୍ତଦାନ ଶିବିରର ଉଦ୍‌ଘାଟନ କରିଥିଲେ। ଏଥିରେ ୧୨୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପରେ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଢେଙ୍କାନାଳ ଜିଲା ଯୁବ ସଭାପତି ତଥା ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡାଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ମଲ୍ଲିକଙ୍କ ସହ ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ନଗରପାଳ ବ୍ରହ୍ମାନନ୍ଦ ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ସରପଞ୍ଚ ଲଳିତ ସାହୁ, ଶିଶିରକାନ୍ତ ବେହେରା, ସମିତି ସଭ୍ୟ ଦୀପକ ମାହୁନ୍ତ, ବିଭୂତି ବିଶ୍ୱାଳ, ପ୍ରବୋଧ ଦାସଙ୍କ ସମେତ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି କଙ୍କଡାହାଡ଼ ବ୍ଲକ ଯାତ୍ରା ପଡିଆଠାରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସରେ ବ୍ଲକ ସଭାପତି ଅମ୍ବୁଜ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ, କଙ୍କଡାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ପରିଷଦ ସଦସ୍ୟା ସୁକାନ୍ତୀ ପ୍ରଧାନ, ଭୁପେଶ ଚନ୍ଦ୍ର ସାହୁ, ରାଜେଶ ଦେହୁରୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ମହିଳା ଜାଳିଲେ ମଦ ଦୋକାନ

କବିସୂର୍ଯ୍ୟନଗର,୨୬।୧୨



ନିଆଁ ଲାଗିଥିବା ମଦ ବ୍ୟବସାୟୀଙ୍କ ଘର।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ବୁଧବାର ଓ ଗୁରୁବାର ଉତ୍ତ୍ୟକ୍ତ ଲୋକେ ଏ.ବରିଡ଼ା, କୁଶପଲ୍ଲୀରେ ମଦଭାଟି ଓ ମଦ ବ୍ୟବସାୟୀଙ୍କ ୪ ଘର ଜାଳି ଦେଇଛନ୍ତି। ଗୁରୁବାର ଉତ୍ତ୍ୟକ୍ତ ଲୋକେ ଫାଣ୍ଡି ଅଧିକାରୀଙ୍କୁ ମାଡ଼ ମାରି ଦୀର୍ଘ ସମୟ ଧରି ଗାଁରେ ଅଟକ ରଖି ପରେ ଛାଡ଼ିଦେଇଥିଲେ।

ସୂଚନାଯୋଗ୍ୟ, ବୁଧବାର ଏ. ବରିଡ଼ା ଗ୍ରାମରେ ସାମାଜିକକର୍ମୀ ଏ. ବ୍ରହ୍ମାନନ୍ଦ ଆଚାରୀ ଗ୍ରାମବାସୀଙ୍କ ସହଯୋଗରେ ମଦ ବିରୋଧୀ ସଚେତନତା କରୁଥିଲେ। ଏନେଇ ଅପରାହ୍ନରେ ତାଙ୍କୁ ମଦ ଦୋକାନୀ ମାଡ଼ ମାରିଥିବା ସେ ଅଭିଯୋଗ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶତାଧିକ ମହିଳା ଗ୍ରାମରେ ଥିବା ବିଦେଶୀ ମଦ ଦୋକାନକୁ ରାତିରେ ଜାଳି ଦେଇଥିଲେ। କବିସୂର୍ଯ୍ୟନଗର ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ଅଗ୍ନିଶମ ବାହିନୀ ଓ ବାଲିଛାଇ ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ଗୁରୁବାର ଘଟଣା ପ୍ରଚାରିତ ହେବାପରେ ଭାଟପଡ଼ା ଗ୍ରାମବାସୀ ମଧ୍ୟ ମଦ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଗ୍ରାମର ଶତାଧିକ ମହିଳା ଓ ଯୁବକ ଏ.ବରିଡ଼ା ଗ୍ରାମ ରାସ୍ତାରେ ଥିବା ମହୁଲି ଦେଶୀମଦ ଦୋକାନ ତାଲାଭାଙ୍ଗି ବିଭିନ୍ନ ସରଞ୍ଜାମ ଜାଳି ଦେଇଥିଲେ। ବାଲିଛାଇ ଫାଣ୍ଡି ଅଧିକାରୀ ଓ ୨ ପୋଲିସ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇ ପାରି ନ ଥିଲେ। ପରେ ଉତ୍ତେଜିତ ଲୋକେ କୁଶପଲ୍ଲୀ ନିକଟରେ ଥିବା ବେଆଇନ ଦେଶୀ ମଦ ଦୋକାନ ହୋଇଥିବା ମରାଠି ବସାକୁ ଯାଇଥିଲେ। ସେଠାରେ ଏ.ବରିଡ଼ା, କୁଶପଲ୍ଲୀ ଓ ଭାଟପଡ଼ାର ବହୁ ସଂଖ୍ୟକ ମହିଳା, ଯୁବକ ଏକାଠି ହୋଇ ଦୋକାନ ସହ ୪ ବାସଗୃହରେ ନିଆଁ ଲଗାଇ ଦେଇଥିଲେ।

କବିସୂର୍ଯ୍ୟନଗର ଏସ୍‌ଆଇ ଅର୍ଜୁନ କଅଁର, ବାଲିଛାଇ ଫାଣ୍ଡି ଅଧିକାରୀ ଉମା ଚରଣ ପ୍ରହରାଜ ପହଞ୍ଚିଥିଲେ ସୁଦ୍ଧା ଲୋକଙ୍କୁ ଶାନ୍ତ କରିପାରି ନ ଥିଲେ। କବିସୂର୍ଯ୍ୟନଗର ଅଞ୍ଚଳରେ ମଦ ବିକ୍ରିକୁ ନେଇ ଗାଁକୁ ଗାଁ ଅସନ୍ତୋଷର ନିଆଁ ବ୍ୟାପୁଛି। ପୁଣି ମଦ ବିକ୍ରିକଲେ ଆନ୍ଦୋଳନକୁ ତୀବ୍ର କରାଯିବ ଓ ଜେସିବି ଲଗାଇ ସମସ୍ତ ମଦ ଦୋକାନ ଭାଙ୍ଗିଦେବୁ ବୋଲି ଉତ୍ତ୍ୟକ୍ତ ଲୋକେ ଚେତାବନୀ ଦେଇଛନ୍ତି। ଘଟଣାସ୍ଥଳରେ କୋଦଳା, ଆସିକା, ପୋଲସରା ଓ ବୁଗୁଡ଼ା ଥାନା କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡ଼ିଛି।

# ଅଙ୍ଗନୱାଡି କର୍ମୀଙ୍କ ତାଲିମ ଶିବିର

ହିନ୍ଦୋଳ,୨୬।୧୨(ଡି.ଏନ.ଏ)



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗଣ୍ଡାନାଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଙ୍ଗନୱାଡି କର୍ମୀଙ୍କ ତାଲିମ ଶିବିର ୨୧ ତାରିଖରୁ ଆରମ୍ଭ ହୋଇଛି। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଦ୍ୟ ଶୈଶବର ଯତ୍ନ ଓ ଶିକ୍ଷା ସମ୍ପର୍କରେ କର୍ମୀମାନଙ୍କୁ ଏଠାରେ ତାଲିମ ପ୍ରଦାନ କରାଯାଉଛି। ଲଳିତା ଜେନା, ରିନା ସାହୁ, କବିତା ବେହେରା ପ୍ରମୁଖ ତାଲିମ ଦେଉଛନ୍ତି। ହିନ୍ଦୋଳ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବେର୍ଣ୍ଣାଡେଟ୍ ବର୍ଲାଙ୍କ ତତ୍ତ୍ୱାବଧାନରେ ସୁପରଭାଇଜର ଉର୍ବଶୀ ପାତ୍ର, ହରପ୍ରିୟା ମିଶ୍ର, ବିଜୟଲକ୍ଷ୍ମୀ ସାହୁ, ମାତାଜୀ ଦେହୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ନବକିଶୋରପୁର, ଖଳିବୋରେଇ, ଗଣ୍ଡାନାଳି, କୁନୁଆ ଓ ବୁହାଳିପାଳ ପଞ୍ଚାୟତର ଅଙ୍ଗନୱାଡି କର୍ମୀମାନେ ଏଥିରେ ଯୋଗ ଦେଇ ତାଲିମ ନେଉଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ପରଜଙ୍ଗ,୨୬।୧୨(ଡି.ଏନ୍.ଏ.)

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ କାମାକ୍ଷାନଗର ଥାନା କୁସିଆ ଗ୍ରାମର କାମାକ୍ଷା ନାୟକଙ୍କୁ ପୋଲିସ ଗିରଫ କରିଛି। ଗତ ୨୩ ତାରିଖରେ ଅଭିଯୁକ୍ତ ସମ୍ପୃକ୍ତା ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଗୁରୁବାର ପରଜଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ନଂ ୩୧୬/୧୯ରେ ଏକ ମାମଲା ରୁଜୁ କରି ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଦଦରାଘାଟି ଫାଣ୍ଡି ଅଧିକାରୀ ସମରଜିତ ନାୟକ ଓ କର୍ମଚାରୀ ଅଭିଯୁକ୍ତଙ୍କ ଗ୍ରାମରେ ଚଢ଼ାଉ କରି କାମାକ୍ଷାଙ୍କୁ ଗିରଫ କରିଥିଲେ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି।

# ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରୋଗୀଙ୍କୁ ଫଳ ବଣ୍ଟନ



ଖମାରଠାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ବିଧାୟକ ଓ ଦଳୀୟ ନେତାମାନେ।

ପାଲଲହଡ଼ା,୨୬।୧୨(ଡି.ଏନ୍.ଏ)

ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ୨୩ ତମ ପ୍ରତିଷ୍ଠା ଦିବସ ଗୁରୁବାର ଖମାରଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ। ବିଧାୟକଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀମାନେ ଉପଖଣ୍ଡ ସଦରମହକୁମାଠାରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ କ୍ଷୀର ବଣ୍ଟନ କରାଯାଇଥିଲା। ପରେ ଖମାର ପୁରୁଣା ମେଡିକାଲ ପଡିଆ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଜିଲାର ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ଗଙ୍ଗାଧର ଜିତ୍ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ନବକିଶୋର ନାଏକ ପ୍ରମୁଖ ଯୋଗ ଦେଇଥିଲେ।

# ବନଦୁର୍ଗା କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ମାଧପୁର,୨୬।୧୨

ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ ହାଇସ୍କୁଲ ପଡିଆରେ ୫ମ ବନଦୁର୍ଗା କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଟୁସର ପଞ୍ଚାୟତର ସତ୍ୟପ୍ରିୟ ବଘାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମନୋରଞ୍ଜନ ଭୋକ୍ତା ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ କାଦପଡା ଏବଂ ସଂଜାମୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାଦପଡା ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବାର ସୂଚନା ମିଳିଛି। କ୍ଲବର ସମସ୍ତ ସଦସ୍ୟ ସାହାଯ୍ୟ ସହଯୋଗ କରୁଛନ୍ତି।

# ଥାଇମୁଷ୍ଟି ଯୁଦ୍ଧରେ ୧୪ ସ୍ୱର୍ଣ୍ଣ ସହ ୨୨ ପଦକ

ଅନୁଗୋଳ ଅଫିସ, ୨୬।୧୨



ପଦକ ବିଜୟୀ ହୋଇଥବା ପ୍ରତିଯୋଗୀମାନେ।

ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ନିର୍ଦ୍ଦେଶକ୍ରମେ ନବମ ରାଜ୍ୟସ୍ତରୀୟ ଥାଇମୁଷ୍ଟି ଯୁଦ୍ଧ ପ୍ରତିଯୋଗିତା ଓଡ଼ିଶା ମୁଆଥାଇ ଆସୋସିଏଶନ୍ ଆନୁକୂଲ୍ୟରେ ବୌଦ୍ଧ ଜିଲା ଭିକାରି ନାୟକ କଲ୍ୟାଣ ମଣ୍ଡପ ଠାରେ ଗତ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲାକୁ ୧୪ ସ୍ୱର୍ଣ୍ଣ ସହ ମୋଟ୍ ୨୨ ପଦକ ମିଳିଛି। ଜିଲାର କୁନ୍ଦନ କୁମାର, ଚିତ୍ତରଞ୍ଜନ ମହନ୍ତ, ଗୌରବ କୁମାର ସାହୁ, ପ୍ରତୀକ କୁମାର ମହାପାତ୍ର, ମନୋଜ କୁମାର ନାୟକ, ପ୍ରୀତିଶ ବିଶ୍ୱାଳ, ଓ.ପି. ଜିନ୍ଦଲ ସ୍କୁଲର ପୁଷ୍କର କୁମାର, ଲିକ୍ ସାଧନ କରନ୍, ଆଦିତ୍ୟ ପ୍ରସାଦ ସିଂ, ଆଜିଲ୍ ଦାସ, ସିଆକାଶ, ଦିବସ ସାହୁ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଶ୍ରୀୟାଶ୍ରୀ ପ୍ରଧାନ ପ୍ରମୁଖ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରି ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ସେହିପରି ରୁଦ୍ର ଜେଠୁଆ, ଏମ୍.ଡି. ସୋସୁଜିଲ୍, ରଶ୍ମିଜିତା ଦାସ, ରିତେଶ ରମନ ରୌପ୍ୟ ଓ ଆଶିଷ ଠାକୁର, ଆୟୁଶ ସାମଲ, ଅରକ୍ଷିତ ସାହୁ, ଶଙ୍ଖପୁର ସାଗର ଦେହୁରୀ କାଂସ୍ୟ ପଦକ ହାସଲ କରି ଗୌରବ ଆଣିଛନ୍ତି। ଜିଲା ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସିହ୍ନା ଓ ଜିଲା ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ଏହି କୃତୀ ପ୍ରତିଯୋଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଓ.ପି. ଜିନ୍ଦଲ ସ୍କୁଲର ପ୍ରଧାନ ଶିକ୍ଷକ ଛନ୍ଦାଚରଣ ଦାସ, ରୋଟାରୀ ପବ୍ଲିକ ସ୍କୁଲର ଚେୟାରମ୍ୟାନ ନିରେଲି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବାଳିକା ବିଭାଗର ତପସ୍ୱିନୀ ପ୍ରଧାନ କୋଚ ଭାବେ ପ୍ରତିଯୋଗୀଙ୍କ ସହ ଯାଇଥିଲେ। ବାଳକ ବିଭାଗର କୋଚ ଚିତ୍ତରଞ୍ଜନ ମହନ୍ତ, ମ୍ୟାନେଜର କୁନ୍ଦନ କୁମାର ମଧ୍ୟ ଦାୟିତ୍ୱରେ ଥିଲେ।

# କେନ୍ଦ୍ରାପଡ଼ାକୁ ହରାଇ ନାଗପୁର ସେମିରେ



କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

କାମାକ୍ଷାନଗର,୨୬।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ବିରାଶାଳ କଲେଜ ପଡିଆରେ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ ମା' ମଙ୍ଗଳା ବିରାଶାଳ କ୍ରିକେଟର ତୃତୀୟ କ୍ୱାଲିଫାୟାର ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡାର ବାଲାବାବା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୧୫ ରନ କରିଥିଲା। ଜବାବରେ ନାଗପୁରର କରିମ ସ୍ପୋର୍ଟିଂ ୬୯ ରନ କରିଥିବାବେଳେ ବର୍ଷା ବାଧକ ସାଜିଥିଲା। ଫଳରେ ନିୟମ ଅନୁସାରେ ନାଗପୁର ୨୨ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳର ସଚିନ ପୋର୍ତେ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସନ୍ତୋଷ ସାହୁ, ଦିବ୍ୟଜ୍ୟୋତି ସାହୁ ପରିଚାଳନା କରିଥିବାବେଳେ ବିଭୂକଲ୍ୟାଣ ସେନାପତି, ସନ୍ତୋଷ ବାରିକ ସ୍କୋରର ଥିଲେ। ବିପିନବିହାରୀ ସାହୁ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ଚତୁର୍ଥ କ୍ୱାଲିଫାୟର ମ୍ୟାଚ ଫ୍ରେଣ୍ଡସ କ୍ଲବ ତାଳଚେର ଓ ଭୁବନ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ଆଇଏଲ୍‌ଓ କନ୍‌ଭେନଶନ ୧୭୬ ଉପରେ ଆଲୋଚନା

ତାଳଚେର,୨୬।୧୨(ନି.ପ୍ର.)

ଓଡ଼ିଶା କଲିୟାରୀଜ ମଜଦୁର ସଂଘ (ଆଇଏନ୍‌ଟିୟୁସି) ପକ୍ଷରୁ ଇଣ୍ଟରନ୍ୟାଶନାଲ ଲେବର ଅର୍ଗାନାଇଜେଶନ କନ୍‌ଭେନଶନ ୧୭୬ ଉପରେ ଏକ ଆଲୋଚନାଚକ୍ର ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ର ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି କିଶୋର ଚନ୍ଦ୍ର ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂଘ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ଆଇଏଲ୍‌ଓ କନ୍‌ଭେନଶନ ୧୭୬ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଶ୍ୱରେ ଏହି ନିୟମାବଳୀକୁ ମାନି ଖଣି, କଳକାରଖାନାରେ ଶ୍ରମିକ ସଙ୍ଗଠନ ଗୁଡିକ ଶ୍ରମିକମାନଙ୍କ ହିତରେ କାମ କରୁଛନ୍ତି। କିନ୍ତୁ ଭାରତରେ ଏହି ନିୟମାବଳୀକୁ ମାନ୍ୟତା ଦିଆଯାଇ ନାହିଁ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଥିଲେ। ଫଳରେ ଖଣି ଓ ବିଭିନ୍ନ କଳକାରଖାନାରେ ବାରମ୍ବାର ଦୁର୍ଘଟଣାମାନ ଘଟି ଧନ ଜୀବନ ହାନି ହେଉଛି। ଶ୍ରମିକ ସଙ୍ଗଠନ ମଜଭୁତ ହେଲେ ଶ୍ରମିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଶ୍ରମ ଆଇନ ଆପେ ଆପେ ମଜଭୁତ ହୋଇପାରିବ ବୋଲି ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇଂ ଡି.କେ. ମାଲୀ, ଆର.ଜି. ମହାନ୍ତି, ସୁବ୍ରତ କୁମାର ମାଝି, ପି.ଜେ. ରାୟ, ଆଇ.ଜି. ପାଢୀ ପ୍ରମୁଖ ନିଜ ମତାମତ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ।

# ଭାପୁରରେ ଧାନମଣ୍ଡି ଖୋଲିଲା



ଭାପୁର,୨୬।୧୨(ଡି.ଏନ୍.ଏ)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ସେବା ସମବାୟ ସମିତି ମାଧ୍ୟମରେ ଗୁରୁବାର ମେଡିକାଲ ନିକଟ ହାଟ ପଡିଆରେ ଧାନମଣ୍ଡି ଖୋଲାଯାଇଛି। ସମିତି ସଭାପତି ଚକ୍ରଧର ପଣ୍ଡା, ସମ୍ପାଦକ ବିଭୂ ପ୍ରସାଦ ଧଳ ଓ ଚାଷୀଙ୍କ ଉପସ୍ଥିତିରେ ହରପ୍ରିୟା ରାଇସ୍ ମିଲ ୧୩ ଜଣ ଚାଷୀଙ୍କ ଠାରୁ ୫୨୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଆର୍ଦ୍ରତା ଅଧିକ ଥିବାରୁ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ମିଲର ମନା ଦେଇଥିଲେ। ଫଳରେ ଧାନ କିଣା ଆରମ୍ଭରେ ବହୁ ବିଳମ୍ବ ହୋଇଥିଲା। ପରେ ଚାଷୀ ଓ ମିଲରଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଅନ୍‌ଲାଇନରେ ଟୋକନ୍ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଚାଷୀମାନେ ଏହାକୁ ସ୍ୱାଗତ କରିଛନ୍ତି ବୋଲି ସଭାପତି ଚକ୍ରଧର ପଣ୍ଡା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସ୍ୱତନ୍ତ୍ର ବୈଠକରେ କେନ୍ଦ୍ରକୁ ସମାଲୋଚନା

**ଢେଙ୍କାନାଳ ଅଫିସ,୨୬।୧୨:** ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଦଳୀୟ କାର୍ଯ୍ୟାଳୟ ଗାନ୍ଧୀମନ୍ଦିରଠାରେ ଦେଶର ସାମ୍ପ୍ରତିକ ସ୍ଥିତି ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁରେଶଚନ୍ଦ୍ର ପାଣିଗ୍ରାହୀ ବୈଠକ ପରିଚାଳନା କରିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶରେ ସୃଷ୍ଟି ହୋଇଥିବା ହିଂସା ପରିସ୍ଥିତି ପାଇଁ ମୋଦି ସରକାର ଦାୟୀ ବୋଲି ବରିଷ୍ଠ ନେତୃବୃନ୍ଦ କହିଥିଲେ। କେନ୍ଦ୍ର ସରକାରଙ୍କ ଏପରି କାର୍ଯ୍ୟ ବିରୁଦ୍ଧରେ କଂଗ୍ରେସ ଦଳ ସ୍ୱର ଉତ୍ତୋଳନ କରିବ ବୋଲି ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସରୋଜ କୁମାର ପଟ୍ଟନାୟକ, ରବି ନାରାୟଣ ମହାନ୍ତି, ସୁବାସିନୀ ମହାକୁଡ, ରୁଦ୍ରପ୍ରକାଶ ଶରଣ, ଡା. ତୁଷାରକାନ୍ତି ନାୟକ, ସୁନୀଲ ଦାଶ, ଆଦିତ୍ୟ ମହାପାତ୍ର, ଧନେଶ୍ୱର ଶୁକ୍ଳ, ମମତାଞ୍ଜଳି ବେହେରା, ବାବୁ ଖାନ, ନିଶାକର ସାହୁ, ହାଇଦର ମହମ୍ମଦ, ବିଜୟ କୁମାର ସ୍ୱାଇଁ, ଶେଖ ଜାବିର ବକ୍ସ, ଅମ୍ଳାନ ଖଟୁଆଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ବଇଣ୍ଡା,୨୬।୧୨(ଡି.ଏନ.ଏ.)-** କିଶୋରନଗର ଥାନା ଘୋଷର-ହିମିତିରା ରାସ୍ତାର ଘୋଷର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାରେ ସଞ୍ଜାମୁରା ଗ୍ରାମର ସରୋଜ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ସରୋଜ ତାଙ୍କ ବାଇକ୍ (ନଂ.ଓଆର୦୭ଏଚ-୫୨୮୩)ରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣ ହରାଇଥିଲେ। ଖବରପାଇ କିଶୋରନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି। ଏ ନେଇ ନଂ. ୧୫୩/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ବଇଣ୍ଡା,୨୬।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତୈଲ୍ୟକ ମାଝିଙ୍କ ବୁଧବାର ରାତିରେ ଅନୁଗୋଳଠାରେ ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତଦେହ କଦଳୀମୁଣ୍ଡା ବାସଭବନ ଅଣାଯିବା ପରେ ସତ୍କାର କରାଯାଇଥିଲା। ତାଙ୍କ ପରଲୋକକୁ ନେଇ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାଜପା ନେତା ଭାଗୀରଥି ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

### ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ

**ବଇଣ୍ଡା,୨୬।୧୨(ଡି.ଏନ.ଏ.)-** କିଶୋରନଗର ବ୍ଲକ ୨୩ ପଞ୍ଚାୟତରେ ଗୁରୁବାର ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସକାଳ ୯ଟାରୁ ଝିପିଝିପି ବର୍ଷା ଆରମ୍ଭ ହେବାରୁ ବେଙ୍ଗଲା ପାଇଁ ଖଳାରେ ରଖାଯାଇଥିବା ଧାନ ଓଦା ହୋଇଯାଇଛି। ଏପରିକି ଅନେକ ଚାଷୀ ବିଲରେ ଧାନ କାଟି ପକାଇଥିବାବେଳେ ସେଗୁଡ଼ିକ ଗଜା ହୋଇଯିବା ଆଶଙ୍କା ଦେଖାଦେଇଛି। ସେହିପରି କୋବି, ବାଇଗଣ, ଟମାଟୋ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

■ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

# ସମସ୍ତଙ୍କ ଉନ୍ନତି ନବୀନଙ୍କ ଲକ୍ଷ୍ୟ



ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳୀୟ କର୍ମକର୍ତ୍ତାମାନେ ।

**ଢେଙ୍କାନାଳ ଅଫିସ,୨୬।୧୨**

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ସଦର ବ୍ଲକ କାଇମାଟି ପଞ୍ଚାୟତଠାରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସମ୍ପାଦକ ବିଜୟ ନାୟକ ଯୋଗଦେଇ କହିଲେ ଯେ, ଦଳର ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା କରିଛନ୍ତି। ଓଡିଶାର ଗରିବ, ଆଦିବାସୀ, ମହିଳା, ଚାଷୀ, ଛାତ୍ରୀଛାତ୍ରଙ୍କ ସମେତ ପ୍ରତ୍ୟେକ ବ୍ୟକ୍ତିଙ୍କ ଉନ୍ନତି ବିଜେଡି ସରକାରର ଏକମାତ୍ର ଲକ୍ଷ୍ୟ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ସାମଲ ନିଷ୍ଠାର ସହ ଦଳର ସଙ୍ଗଠନକୁ ଆଗେଇ ନେବା ପାଇଁ ସଂକଳ୍ପ କରିବା ନିମନ୍ତେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ ସଭାପତିତ୍ୱ କରିଥିଲେ। ଗଁଦିଆ ବିଜେଡି ସଭାପତି ବିଶ୍ୱନାଥ ଜେନା, ଟାଉନ ସଭାପତି ଇନ୍ଦ୍ରମଣି ବେହେରା, ଜିଲା ମହିଳା ସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶଶିକାନ୍ତ ମିଶ୍ର, ସଦର ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକ, ଗଁଦିଆ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, କାଇମାଟି ସରପଞ୍ଚ ଝରସ୍ମିତା ଦେହୁରୀ, ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଅଶ୍ରଫ୍ ଅଲୀ, ଗଁଦିଆ ଯୁବ ବିଜେଡି ସଭାପତି ପ୍ରଦୀପ ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲଗନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଜିଲା ବିଜେଡି କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ର ବିଜେଡି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା କାଇମାଟିଠାରେ ପହଞ୍ଚିଥିଲା ।

## ଯୋଜନା ଉପରେ ଆଲୋକପାତ



ପ୍ରତିଷ୍ଠା ଦିବସରେ ଉପସ୍ଥିତ ବିଧାୟକ ଓ ଦଳୀୟ ନେତାମାନେ।

**ଛେଣ୍ଡିପଦା,୨୬।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋରଡା ପଞ୍ଚାୟତ ପୁଟଗାଡିଆ ଦଶହରା ପଡିଆଠାରେ ଗୁରୁବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକ ବିଜେଡି ସଭାପତି ଶ୍ରାଧର ଗଡନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଅନୁଗୋଳ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ, ବରିଷ୍ଠ ନେତା ଋଷଭ ମାଝି, ଅନୁଗୋଳ ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ କର୍ମୀ ଯୋଗଦେଇ ସ୍ୱର୍ଗତ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ


ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

**ବଇଣ୍ଡା,୨୬।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଜଏଗଡ ପ୍ରୋଜେକ୍ଟଠାରେ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇଥିଲେ। ପ୍ରାରମ୍ଭରେ ନାକିଚିଠାରେ ଥିବା ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରି ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଠେଲକନାଳୀ ସରପଞ୍ଚ ପ୍ରମୋଦିନୀ ନାୟକ, ନାକିଚି ସରପଞ୍ଚ ପ୍ରଶାନ୍ତୀ ଦିଆଣି, ପୂର୍ବତନ ଜିଲାପରିଷଦ ସଦସ୍ୟ ତିମିର ନାୟକ, ବିଧାୟକଙ୍କ ସ୍ତ୍ରୀ ରୀନା ସାଏ, ବିଜେଡି ନେତା ବ୍ରଜମୋହନ ପ୍ରଧାନ, କୁମୁଦଚନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ଲମ୍ବୋଦର ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

## ୪୬୩ କୁଇଣ୍ଟାଲ ଧାନ ସଂଗ୍ରହ

**ରାସୋଳ,୨୬।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ କୁନୁଆଁରେ ଗୁରୁବାର ଧାନମଣ୍ଡି ଖୋଲାଯାଇଛି। ସୋସାଇଟି ସଭାପତି ଲଳିତ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୩ଜଣ ଚାଷୀଙ୍କ ଠାରୁ ୪୬୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇ ବଦାଲୋର ଅନ୍ନପୂର୍ଣ୍ଣା ରାଇସ୍‌ମିଲକୁ ଦିଆଯାଇଥିଲା। ସୋସାଇଟି ସମ୍ପାଦକ ମନୋରଞ୍ଜନ ସାମଲ, ସଭ୍ୟ ସରୋଜ ରାଉତ, ରାକେଶ ମିଶ୍ର, ବିକାଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ୨୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦିଆଯାଇଛି। ସେହିପରି ରାସୋଳଠାରେ ଖୋଲାଯାଇଥିବା ଧାନ ମଣ୍ଡିକୁ ସଭାପତି ରମେଶ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ୪୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା ।

## ୭୦୦୦ ୟୁନିଟ୍ ଟପିଲା ରକ୍ତ ସଂଗ୍ରହ


ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ,୨୬।୧୨**

ଚଳିତ ବର୍ଷ ଢେଙ୍କାନାଳ ଜିଲା ରକ୍ତଭଣ୍ଡାର ପକ୍ଷରୁ ମୋଟ୍ ୭୦୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଗୁରୁବାର ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ଓ ପାରିମାଳ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ମିଶାଇ ବର୍ଷର ମୋଟ୍ ରକ୍ତ ସଂଗ୍ରହ ପରିମାଣ ୭୦୧୦ ୟୁନିଟ୍‌ରେ ପହଞ୍ଚିଥିଲା। ଏହି ନୂତନ ରେକର୍ଡ ପ୍ରତିଷ୍ଠା ହୋଇଥିବାରୁ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ରଭାବେ ଏକ କେକ୍ କଟାଯାଇ ଉତ୍ସବ ମନାଯାଇଥିଲା। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରମିଲ୍ କୁମାର ପ୍ରଧାନ, ଡା. ସୁଜିତ୍ କୁମାର ଦାସ, ଡା. ପ୍ରେମାନନ୍ଦ ସାହୁ, ରକ୍ତଭଣ୍ଡାରର ବରିଷ୍ଠ ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ଅଜୟ କୁମାର ସ୍ୱାଇଁ, ମାଳତୀ ଲତା ନାୟକ, ବରୁଣ କୁମାର ସାହୁ, ଫୋରମ୍‌ର ସମ୍ପାଦକ ଭରତ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଉପସଭାପତି ପଙ୍କଜ ନାୟକ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ପର୍ଶୁରାମ ମହାଭୋଇ, ଅଜୟ ଶଙ୍କର ମିଶ୍ର, ଚକ୍ରଧର ତରାଇ, ପ୍ରଭାତୀ ମହାପାତ୍ର, ମହେନ୍ଦ୍ର ସାହୁ ଏବଂ ପାରିମାଳ ଯୁବକ ସଂଘର ଶୁଭମ ମହାକୁଡ, ସୋମନାଥ ନାଏକ, ବିକାଶ ନାଏକ, ସଞ୍ଜିତା ଦାସ, ଚିତ୍ତରଞ୍ଜନ ଖଟୁଆ, ପ୍ରବୀଣ ଖଟୁଆ, ପ୍ରଭାତୀ ସାହୁ, ସଂଧାରାଣୀ ସାହୁ, ଜିତେନ୍ଦ୍ର ବେହେରା, ସୌମ୍ୟା ମିଶ୍ର ଓ ବୀଣାପାଣି ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ନାଲ୍‌କୋ ଏସ୍‌ଭିଏମ୍‌ର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ବଅଁରପାଳ, ୨୬।୧୨ (ଡି.ଏନ୍.ଏ.)**

ନାଲ୍‌କୋ ନଗର ଠାରେ ସରସ୍ୱତୀ ବିଦ୍ୟାମନ୍ଦିରର ୩୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିଚାଳନା ସମିତି ସଭାପତି ତଥା ନାଲ୍‌କୋ ମହାପ୍ରବନ୍ଧକ (ପ୍ରକଳ୍ପ) ଅମିୟ କୁମାର ସ୍ୱାଇଁ ସଭାପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ସର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବହୁମୂଲ୍ୟ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାଶ, ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ଓ ମହାପ୍ରବନ୍ଧକ (ଅର୍ଥ) ମିହିର ରଞ୍ଜନ ରଥ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ନାଲ୍‌କୋର ସମସ୍ତ ମହାପ୍ରବନ୍ଧକ, ବିଭାଗୀୟ ଅଧିକାରୀ ଓ ଆମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ ପ୍ରଭାତ କୁମାର ଧର ମଞ୍ଚାସୀନ ଅତିଥିଙ୍କ ପରିଚୟ ଦେଇଥିଲେ। ଏହି ଅବସରରେ ବିଗତ ମାଟ୍ରିକ ପରୀକ୍ଷାର ଏ ୱାନ ଗ୍ରେଡ୍ ହାସଲ କରିଥିବା ଛାତ୍ରୀଛାତ୍ର, ସ୍କୁଲ ଟପ୍ପର, ମେଧାବୃତ୍ତି ପରୀକ୍ଷାର କୃତୀ ଛାତ୍ରୀଛାତ୍ର, ଶ୍ରେଣୀ ଉତ୍ତୀର୍ଣ୍ଣ ପରୀକ୍ଷାର ଶ୍ରେଷ୍ଠ ଛାତ୍ରୀଛାତ୍ର ଓ ପ୍ରତି ଶ୍ରେଣୀର ଶ୍ରେଷ୍ଠ ବିଭାଗକୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମିନତୀ ପାଢ଼ୀ, ମିତ୍ରଜିତା ପଟ୍ଟନାୟକ ଓ ସବିତା ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରା ରୋପଣ, ରକ୍ଷଣାବେକ୍ଷଣ ଶପଥ


ସାଧାରଣ ସଭାରେ ଚାରାର ରକ୍ଷଣାବେକ୍ଷଣ ପାଇଁ ଶପଥ ନିଆଯାଉଛି।

**ଅନୁଗୋଳ ଅଫିସ, ୨୬।୧୨ (ଡି.ଏନ୍.ଏ.)**

ବଅଁରପାଳ ଥାନା ଫୁଲପଡ଼ାର ପଣ୍ଡପୁର ଠାରେ ସ୍ଥାନୀୟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦୧୩ ବର୍ଷ ଛାତ୍ରୀଛାତ୍ରଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲିମ୍ବ, କରଞ୍ଜ, ବଉଳ ଆଦି ଚାରା ରୋପଣ କରିବା ସହ ସମସ୍ତେ ତାହାର ଯତ୍ନ ନେବେ ବୋଲି ଶପଥ ନେଇଥିଲେ। ସନ୍ଦିପ ଗଡ଼ନାୟକ, ଜ୍ଞାନରଞ୍ଜନ ଗଡ଼ନାୟକ, ରୂପେଶ ସାହୁ, ସୌମ୍ୟଜିତ ବେହେରା, ଅମରେଶ ବେହେରା, ଅମିତ ସାହୁ, ଶ୍ରୀକାନ୍ତ ଗଡ଼ନାୟକ, ଭଜମନ ବେହେରା, ତପନ ଭୋଇ, ତରୁଣ ସାହୁ, ବିଶ୍ୱଜିତ ବେହେରା, ପିଣ୍ଟୁ ସାମଲ, ସତ୍ୟବ୍ରତ ସାହୁ, ରଞ୍ଜନ ବେହେରା, ଦେବଦତ୍ତ ଗଡ଼ନାୟକ, ଜିତେନ୍ଦ୍ର ବେହେରା, ସରୋଜ ସାହୁ, ସୌମ୍ୟରଞ୍ଜନ ତ୍ରିପାଠୀ, ସୁନୀଲ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

## ୬୨ ଜଣଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଡାକ୍ତରଙ୍କ ସହ ଆୟୋଜକ ଅନୁଷ୍ଠାନର କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୨୬।୧୨**

ଅନୁଗୋଳ ରୋଟାରି ରୟାଲ କ୍ଲବ ଓ ଆଇଏମ୍‌ଏ ଅନୁଗୋଳ ଶାଖା ଆନୁକୂଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ବଚପନ ପ୍ଲେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପ୍ରଭାତ କୁମାର ପଣ୍ଡା ଓ ରୋଟାରି ରୟାଲର ସଭାପତି ବିଶ୍ୱଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିଲା। ଏହି ଶିବିରରେ ଏଏମ୍‌ଆର୍‌ଆଇ ଭୁବନେଶ୍ୱରର ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଏସ୍.ଏନ୍. ପଣ୍ଡା ଓ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ବିଶ୍ୱରଞ୍ଜନ ନାୟକଙ୍କ ଦ୍ୱାରା ୬୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶେଷକରି ହୃଦ୍‌ରୋଗ ଓ ସ୍ନାୟୁରୋଗ ଜନିତ ରୋଗୀ ଏଥିରେ ଉପକୃତ ହୋଇଥିଲେ। ସମ୍ପାଦକ ରାଜେଶ ସରଳିଆ, ମୁରାରୀଲାଲ ଅଗ୍ରୱାଲ, ସୁମିତ କୁମାର, ଅଶୋକ ମାଣ୍ଡୋଠିଆ, ଅମ୍ବିକା ପ୍ରସାଦ ସାହୁ, ଡ. କୁମାର ସୌମ୍ୟକାନ୍ତ ବିଶୋଇ, ଡ.ମାଇକେଲ ଜନ, ମେହମୁଦ ହୁସେନ, ଜୟ ପ୍ରକାଶ ମୋଦି, ପ୍ରକାଶ ଅଗ୍ରୱାଲ, ବିକାଶ ମୋଦି, କହ୍ନେୟା ଚୌଧୁରୀ, ପ୍ରଦୀପ୍ତ କୁମାର ମହାପାତ୍ର, ଆରତୀ ସରଳିଆ, କୈଳାସ ଅଗ୍ରୱାଲ ଓ ମିଳନ କୁମାର ଅଗ୍ରୱାଲଙ୍କ ସହ ବଚପନ ପ୍ଲେ ସ୍କୁଲ ଅଧ୍ୟକ୍ଷା ଯସ୍‌ପାଲ ପଟ୍ଟନାୟକ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

■ପାଗ ବିଗାଡ଼ିଦେଲା ବିଜ୍ଞାନ କେନ୍ଦ୍ରର ସବୁ ଆୟୋଜନ

# ସୂର୍ଯ୍ୟୋପରାଗ ଦେଖିବାରୁ ଛାତ୍ରୀଛାତ୍ର ବଞ୍ଚିତ

**ଢେଙ୍କାନାଳ ଅଫିସ,୨୬।୧୨**


ଢେଙ୍କାନାଳ ଜିଲା ବିଜ୍ଞାନ କେନ୍ଦ୍ରରେ ଟେଲିସ୍କୋପ୍ ଯୋଗେ ସୂର୍ଯ୍ୟୋପରାଗ ଦେଖିବା ପାଇଁ ଛାତ୍ରୀଛାତ୍ରଙ୍କ ଲମ୍ବାଧାଡି।

ଢେଙ୍କାନାଳ ଜିଲା ବିଜ୍ଞାନକେନ୍ଦ୍ରରେ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଗୁରୁବାର ମେଘୁଆପାଗ ଯୋଗୁ ଆସିଥିବା ସ୍କୁଲ, କଲେଜ ଛାତ୍ରୀଛାତ୍ର ଟେଲିସ୍କୋପ୍ ଯୋଗେ ସୂର୍ଯ୍ୟୋପରାଗ ଦେଖିବାରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ ଦେଢଘଣ୍ଟା ଧରି ଲମ୍ବା ଧାଡିରେ ଛିଡାହୋଇ ଥିଲେ ବି ଶେଷରେ ନିରାଶ ହୋଇ ସେମାନେ ଫେରିଯାଇଥିଲେ।

ପ୍ରକାଶ ଯେ, ଚଳିତବର୍ଷ ସୂର୍ଯ୍ୟୋପରାଗ ଦେଖିବା ପାଇଁ ଜିଲା ବିଜ୍ଞାନ କେନ୍ଦ୍ର ବାହାରେ କର୍ତ୍ତୃପକ୍ଷ ଟେଲିସ୍କୋପ୍ ଓ ସ୍କ୍ରିନ୍ ବ୍ୟବସ୍ଥା କରିଥିଲେ। ଏଥିପାଇଁ ସକାଳୁ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ନିଜେ ପ୍ରସ୍ତୁତ ହୋଇ ରହିଥିଲେ। ପୂର୍ବରୁ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରାଯାଇଥିବାରୁ ସୂର୍ଯ୍ୟୋପରାଗ ଦେଖିବା ପାଇଁ ଗୁରୁବାର ସକାଳ ସାଢ଼େ ୭ଟା ବେଳକୁ ସ୍କୁଲ, କଲେଜ ଛାତ୍ରୀଛାତ୍ର ମାନଙ୍କ ବେଶ୍ ଗହଳି ଲାଗିଥିଲା। କିନ୍ତୁ ମେଘୁଆ ପାଗ ଲାଗି ରହିବା ଯୋଗୁ ସୂର୍ଯ୍ୟୋପରାଗ ଟେଲିସ୍କୋପ ମାଧ୍ୟମରେ ଦୃଶ୍ୟମାନ ହେଲାନାହିଁ। ଏ ସମ୍ପର୍କରେ ବିଜ୍ଞାନ କେନ୍ଦ୍ରର କ୍ୟୁରେଟର ସୁଦୀପ୍ତ ସାହା କୁହନ୍ତି, ସୂର୍ଯ୍ୟୋପରାଗ ଟେଲିସ୍କୋପ୍ ମାଧ୍ୟମରେ ଦେଖିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପିଲମାନେ ମଧ୍ୟ ବହୁ ସଂଖ୍ୟାରେ ପହଞ୍ଚିଥିଲେ। କିନ୍ତୁ ମେଘୁଆପାଗ ଯୋଗୁ ଏହା ଦୃଶ୍ୟମାନ ହେଲାନାହିଁ। ଅନ୍ୟ କେତେକ ସ୍ଥାନରେ ମଧ୍ୟ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି। କେଉଁଠି ଆଂଶିକ ଦୃଶ୍ୟମାନ ହୋଇଥିବା ବେଳେ ଅନ୍ୟ କେଉଁଠି ଦୃଶ୍ୟମାନ ହୋଇନାହିଁ ବୋଲି ସାହା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବଧିର ଚେସ୍ ପ୍ରତିଯୋଗିତା: ଢେଙ୍କାନାଳ ରନର୍ସଅପ୍

ଢେଙ୍କାନାଳ ଅଫିସ,୨୬।୧୨- ବଧିର ସଂଘର ୨୨ତମ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଗତ ୨୧ ଓ ୨୨ ତାରିଖରେ କଟକ ଦେଉଳସାହିସ୍ଥିତ ମୋନାଲିସା ପ୍ୟାଲେସଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ଜିଲା ବଧିର ସଂଘର ମହିଳା ଓ ପୁରୁଷ ସଦସ୍ୟମାନେ ଅଂଶଗ୍ରହଣ କରି ରନର୍ସଅପ୍ ହୋଇଛନ୍ତି। ଜିଲା ବଧିର ସଂଘ ସଭାପତି ମନୋରଞ୍ଜନ ସାମଲଙ୍କ ନେତୃତ୍ୱରେ ଓ କୋଚ ତଥା ମ୍ୟାନେଜର ଅକ୍ଷୟ ଶତପଥୀଙ୍କ ତତ୍ତ୍ୱାବଧାନରେ ସଦସ୍ୟ କିଶୋର ସାହୁ, ଅନିରୁଦ୍ଧ ବେହେରା, ନିର୍ମଳ ନାଏକ, କିଶୋର ବାରିକ, ସତ୍ୟବ୍ରତ ସାହୁ, ମନୋଜ ସାହୁ, ସଦସ୍ୟା ଜୁଲି ସାମଲ, ମାଳତୀ ସିଂହ ପ୍ରମୁଖ ଭାଗ ନେଇଥିଲେ।

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଢେଙ୍କାନାଳ ଅଫିସ,୨୬।୧୨- ଢେଙ୍କାନାଳ ଓଡିଏମ୍ ୱାର୍ଲଡ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ମଧୁସ୍ମିତା ସାହୁ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପିଲାମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତା, ଅଧିକ ପାଣି ପିଇବା ଏବଂ ଅଧିକ ସ୍ୱଚ୍ଛ ଶୌଚାଳୟ ବ୍ୟବହାର କରିବା ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ବିତରଣ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### କପିଳାସ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସୁଖଦ ବନ୍ଧନର କାହାଣୀ 'ମାଟି ମା'


ନାଟକ 'ମାଟି ମା'ର ଏକ ଦୃଶ୍ୟ।

ଢେଙ୍କାନାଳ ଅଫିସ,୨୬।୧୨

ଢେଙ୍କାନାଳ କଳାପରିଷଦ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ ଗଜଲକ୍ଷ୍ମୀ କଳାମଣ୍ଡପଠାରେ ଚାଲିଥିବା ଜାତୀୟ ବହୁଭାଷୀ କପିଳାସ ନାଟ୍ୟ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଗୋଳର ନାଟ୍ୟମ୍ ଅନୁଷ୍ଠାନ ପକ୍ଷରୁ ନାଟକ 'ମାଟି ମା' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ସୁଧାଂଶୁ ମୋହନ ଦ୍ୱିବେଦୀ ଏହାର ନିର୍ଦ୍ଦେଶନା ଦେଇଥିଲେ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଆଦର, ଭକ୍ତି, ଭାବନା ଓ ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟବୋଧକୁ ନେଇ ୩ ପିଢିର ଏକ ସୁଖଦ ବନ୍ଧନର କାହାଣୀ ହେଉଛି 'ମାଟି ମା'। ପ୍ରଥମ ପିଢିର ପ୍ରାଚୀର ଶିବନାରାୟଣ, ଯିଏକି ସ୍ନେହ, ମମତା, ଆଦର୍ଶବାଦ ଓ ପ୍ରାକ୍ତନ ଚିନ୍ତନର ଜ୍ୱଳନ୍ତ ଉଦାହରଣ। ଆପଣାର ଗାଁ, ପରମ୍ପରା ଓ ମାଟି ସତେଯେମିତି ତାଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଶିବନାରାୟଣଙ୍କ ପୁଅ ସନାତନ, ବୋହୂ ସୁମିତ୍ରା ଜୀବନ ସଂଗ୍ରାମର ଅନ୍ୟଏକ ନାମ। ନାତି ସ୍ୱୟଂ ଓ ନାତୁଣୀ ଅଲିଭା ଆପଣାର ସ୍ୱକୀୟ ଚିନ୍ତାଧାରାରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଏହି ୩ଟି ପିଢିର ମାନସିକ ଏକତ୍ରୀକରଣ କେବଳ ଆତ୍ମାନୁମିଳନ ଦ୍ୱାରା ହିଁ ସମ୍ଭବ। ଯାହାକି ନାଟକ 'ମାଟି ମା'ର କାହାଣୀ। ଏଥିରେ ବିଭିନ୍ନ ଭୂମିକାରେ ସୁଧାଂଶୁ ମୋହନ ଦ୍ୱିବେଦୀ, ରବୀନ୍ଦ୍ର ନାଥ ସାହୁ, ବଟକୃଷ୍ଣ ତ୍ରିପାଠୀ, ଶତ୍ରୁଜିତ ପଟ୍ଟନାୟକ, ମନୋଜ କୁମାର ପ୍ରଧାନ, ବିପିନ ପଟ୍ଟନାୟକ, ମାନସ ରଞ୍ଜନ ନାୟକ, ଜୟଶ୍ରୀ ଶତପଥୀ, ସୁପ୍ରଭା ସାହୁ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶକ୍ତିପ୍ରସାଦ ମିଶ୍ର, ରବୀନ୍ଦ୍ର ସାହୁ, ଚିନ୍ତାମଣି ସାହୁ ଓ ବିପିନ ମଞ୍ଚସଜା କରିଥିଲେ। ପ୍ରାରମ୍ଭରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଭାରତୀୟ ଜନସଂଚାର ସଂସ୍ଥାନର ନିର୍ଦ୍ଦେଶକ ମୃଣାଳ ଚାଟାର୍ଜୀ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଦିଲ୍ଲୀଶ୍ୱର ମହାରଣା ଅଧକ୍ଷତା କରିଥିଲେ। ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ମାଟି ଧନ୍ୟବାଦ ପ୍ରଦାନ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱରର ପଞ୍ଚମବେଦ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନାଟକ ପୁତ୍ରପୂଜା ମଞ୍ଚସ୍ଥ ହେବ ବୋଲି ଆୟୋଜକ ଅନୁଷ୍ଠାନର ସମ୍ପାଦକ ଜୟନ୍ତ ବର୍ମା ସୂଚନା ଦେଇଛନ୍ତି। ଅମ୍ବିକା ପଟ୍ଟନାୟକ, ବିନୋଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

# ପ୍ରତିଭା ସମ୍ମାନ, ସ୍ୱାଗତମ୍-୨୦୨୦ ପ୍ରସ୍ତୁତି

ଢେଙ୍କାନାଳ ଅଫିସ,୨୬।୧୨

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ତ୍ରିରଙ୍ଗା ଓ ସୁପ୍ରଭାତ ପକ୍ଷରୁ ଆସନ୍ତା ୩୦ ଓ ୩୧ ତାରିଖରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ପ୍ରତିଭା ସମ୍ମାନ ଓ ସ୍ୱାଗତମ୍ ୨୦୨୦ ଉତ୍ସବ ନିମନ୍ତେ ପ୍ରସ୍ତୁତି ଜାରି ରହିଛି। ଜିଲାର ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ଏଥିରେ ସମ୍ମାନିତ କରାଯିବା ସହ ନବବର୍ଷକୁ ସ୍ୱାଗତ ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର କଳା ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ ସଂଯୋଜକ ମଞ୍ଚ ଅଭିନେତା ଅରବିନ୍ଦ ସାହୁ ସୂଚନା ଦେଇଛନ୍ତି। ଚଳିତବର୍ଷ ବିଭିନ୍ନ ବର୍ଗରେ ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଲଘୁ କଣ୍ଠ ସଙ୍ଗୀତ, ୱାକ୍ ଅନ୍ ର୍ୟାମ୍ପ, ଝୋଟି, ମେହେନ୍ଦି, ରେକର୍ଡ ଡ୍ୟାନ୍ସ, କୌତୁକବେଶ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩୦ ତାରିଖ ସନ୍ଧ୍ୟାରେ ଅଲଟରନେଟିଭ୍ ରିଦିମ ଥିଏଟର କଳାକାରମାନଙ୍କ ପକ୍ଷରୁ ନାଟ୍ୟକାର ଦୀନେଶ ଦାସଙ୍କ ନିର୍ଦ୍ଦେଶନାରେ ନାଟକ ପେଟେନ ମେଡିସିନ ଅନୁଷ୍ଠିତ ହେବ। ୩୧ ତାରିଖ ସନ୍ଧ୍ୟା କାର୍ଯ୍ୟକ୍ରମ ପରେ ୨୦୧୯କୁ ବିଦାୟ ସହିତ ରାତି ୧୨ଟାରେ ନବବର୍ଷ ୨୦୨୦କୁ ନୃତ୍ୟସଙ୍ଗୀତ ମଧ୍ୟରେ ସ୍ୱାଗତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଦେବାଶିଷ ମିଶ୍ର ଓ ସତ୍ୟସ୍ୱରୂପ ଦାସ ଜଣାଇଛନ୍ତି।

# ଅଭିଭାବକ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଯୋରନ୍ଦା ଡିଏଭି ଗୁରୁକୁଳ ସ୍କୁଲର ବାର୍ଷିକ ଉତ୍ସବ।

ଢେଙ୍କାନାଳ ଅଫିସ,୨୬।୧୨

ଢେଙ୍କାନାଳ ଜିଲା ଯୋରନ୍ଦା ଡିଏଭି ଗୁରୁକୁଳ ବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡମ୍ବରୁଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟମହିମା ଧର୍ମଧାମ ପରିଚାଳନା କମିଟି ସଭ୍ୟ ବ୍ରହ୍ମ ଅବଧୂତ ସୁବ୍ରତ ବାବା, ମୁଖ୍ୟବକ୍ତା ଭାବେ ଯୋରନ୍ଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଭୟ ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରଶାନ୍ତ ରାଉତ, ସାମାଜିକ କର୍ମୀ ମଧୁସୂଦନ ସାହୁ ଓ ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପିଲମାନଙ୍କ ଭବିଷ୍ୟତ ଗଠନରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ଅଧକ୍ଷା ସସ୍ମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦ୍ର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଗଣେଶ୍ୱର ମିଶ୍ର, ଦେବୀପ୍ରସାଦ ପରିଡା ଓ ବିକାଶ ମହାନ୍ତିଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାରିପଦା ଅଫିସ,୨୬।୧୨: ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ସୁବର୍ଣ୍ଣରେଖା କେନାଲରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଏହି ଥାନା ଅଧୀନ ସାଲସାହି ଗ୍ରାମର ଡାକ୍ତର ଭକ୍ତା। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସକାଳେ ସେ ସ୍ଥାନୀୟ କାଣିମହୁଲ ହାଟକୁ ଯାଇ ଘରକୁ ଫେରି ନ ଥିଲେ। ପରେ ତାଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୧୯) ରୁଜୁ ହୋଇଛି।

### କିଡ୍‌ଜୀ ପ୍ରି ସ୍କୁଲ୍‌ର ବାର୍ଷିକ ଉତ୍ସବ

# 'ଖେଳ ମାଧ୍ୟମରେ ସୃଜନଶୀଳତା ବଢ଼ାଅ'

ଢେଙ୍କାନାଳ ଅଫିସ,୨୬।୧୨

ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ଗ୍ରେସ୍ କିଡ୍‌ଜୀ ପ୍ରି ସ୍କୁଲ୍‌ର ବାର୍ଷିକ ଉତ୍ସବ ଗୋପବନ୍ଧୁ ଟାଉନ୍ ହଲ୍‌ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ବିଜୟିନୀ ତ୍ରିପାଠୀଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ଇଂଲିଶ ଅଧ୍ୟାପକ ଡ. ଝୁନୁରାଣୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ମାଧ୍ୟମରେ କୁନି ପିଲାମାନଙ୍କ ସୃଜନଶୀଳ ଜ୍ଞାନକୁ ବୃଦ୍ଧି କରାଗଲେ ପଠନ ପ୍ରତି ସେମାନଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ବିନିତା ଆଚାର୍ଯ୍ୟ ସମ୍ମାନିତ ଅତିଥି ଏବଂ ଜି ଲର୍ନିଂ ଡେଭଲପମେଣ୍ଟ ମ୍ୟାନେଜର କରନ୍ ପାଲ୍ ମୁଖ୍ୟ ବକ୍ତାଭାବେ ଓ ଅନୁଷ୍ଠାନର ନିର୍ଦ୍ଦେଶକ ସଞ୍ଜୀବ ତ୍ରିପାଠୀ ଉତ୍ସବରେ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ବନ୍ଦନା ସାହୁ ବାର୍ଷିକ ବିବରଣୀ ପାଠ ଓ ଅର୍ପିତା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତୀକ୍ଷା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଲ୍ପନା ସାହୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ବବିତା ପାତ୍ର, ପୁଷ୍ପାଞ୍ଜଳି ଶତପଥୀ, ସୋମନାଥ ବେହେରା, ବନିତା ବେହେରା, ପାଞ୍ଚାଳି ସାମଲ ଏବଂ ମୀନାକ୍ଷୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।


କିଡ୍‌ଜୀ ପ୍ରି ସ୍କୁଲ୍‌ର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଫଟୋରେ ଖବର



ଢେଙ୍କାନାଳ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଓ ଗୁରୁଦେବଜୀ ମାର୍ସିଆଲ ଏକାଡେମୀ ପକ୍ଷରୁ ବଡ଼ଦିନ ପାଳନ କରାଯାଉଛି।

# ଖଙ୍କିରା କପ୍ : ସୁରପ୍ରତାପ କ୍ଲବ ବିଜୟୀ

ଢେଙ୍କାନାଳ ଅଫିସ,୨୬।୧୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରାଠାରେ ଖଙ୍କିରା ମାରୁତି ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହେଉଥିବା କେ.ସି. ଧୀର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ମ୍ୟାଚରେ ସୁରପ୍ରତାପ କ୍ଲବ ଢେଙ୍କାନାଳ ବିଜୟୀ ହୋଇଛି। ସୁରପ୍ରତାପପୁର ଦଳ ପ୍ରଥମେ ବ୍ୟାଟିଂ କରି ୨୪୫ ରନ କରିଥିଲା। ଦଳ ପକ୍ଷରୁ ବିକାଶ ରାଉତ ସର୍ବାଧିକ ୫୪ ଓ ତନ୍ମୟ ମହାନ୍ତି ୪୩ ରନ କରିଥିଲେ। ଜବାବରେ ମାରୁତି ସ୍ପୋର୍ଟସ୍ କ୍ଲବ ଖଙ୍କିରା ୬ ଓଭରରେ ୩ ଉଇକେଟ ହରାଇ ୬୩ରନ ସଂଗ୍ରହ କରିଥିବା ବେଳେ ପ୍ରବଳ ବର୍ଷା ହେବାରୁ ଖେଳ ବନ୍ଦ ରହିଥିଲା। ବର୍ଷା ଯୋଗୁ ଖେଳ ସମ୍ଭବ ନ ହେବାରୁ ରନ୍‌ହାର ଅନୁଯାୟୀ ଅମ୍ପାୟର ତାପସ ବାରିକ ଓ ଅଜୟ ସାହୁ ସୁରପ୍ରତାପ କ୍ଲବକୁ ବିଜୟୀ ଘୋଷଣା କରିଥିଲେ। ଶୁକ୍ରବାର ଷଡଙ୍ଗୀ ଓ ବଡତଣା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଟାଏକୋଣ୍ଡୋରେ ଢେଙ୍କାନାଳ ପ୍ରତିଯୋଗୀଙ୍କ କୃତିତ୍ୱ

ଢେଙ୍କାନାଳ ଅଫିସ,୨୬।୧୨

କୋଲକାତାସ୍ଥିତ ଇଡେନ୍ ଗାର୍ଡେନ ଖୁଦିରାମ ଅନୁଶୀଳନ କେନ୍ଦ୍ରରେ ଗତ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଆନ୍ତର୍ଜାତିକ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳର ଟାଏକୋଣ୍ଡୋ ଡୋଜାଙ୍ଗ ଏକାଡେମୀ ପକ୍ଷରୁ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଇନଫ୍ୟାଣ୍ଟ ଗ୍ରୁପ୍‌ରେ ଏକାଡେମୀର ଅଭିନବ ବେହେରା ୨ଟି ସ୍ୱର୍ଣ୍ଣପଦକ, ପ୍ରିୟାଂଶୁ ପ୍ରତୀକ କୁଅଁର ଗୋଟିଏ କାଂସ୍ୟ ପଦକ, ବିଶ୍ୱପ୍ରଜ୍ଞା ବ୍ରହ୍ମ ଗୋଟିଏ ରୌପ୍ୟ ପଦକ ଏବଂ ସମୀକ୍ଷା ନନ୍ଦ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗୀମାନଙ୍କ ଏହି ସଫଳତା ପାଇଁ ଅନୁଷ୍ଠାନର କୋଚ୍ ସୌମ୍ୟକାନ୍ତ ବେଉରା, ସୋମନାଥ ସାହୁ ଓ ବିକାଶ ରଞ୍ଜନ ସାହୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




# ଜଗତ ଉଦ୍ଧାର ମଞ୍ଚର ବୈଠକ

# ସହର ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ଢେଙ୍କାନାଳ ଅଫିସ,୨୬।୧୨

ଢେଙ୍କାନାଳ ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ବାର୍ଷିକ ବୈଠକ ବୁଧବାର ଭଗବାନପୁରସ୍ଥିତ କମଳାନଗର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ମଞ୍ଚର ବରିଷ୍ଠ ସଦସ୍ୟ ପୂର୍ବତନ ନଗରପାଳ ଶ୍ରୀଧର ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସରକାରୀ ଡାକ୍ତରଖାନାରେ ସମସ୍ତ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା, ବିଦ୍ୟୁତ୍ ବକେୟା ଆଦାୟ ନାମରେ ଲୋକଙ୍କ ଉପରେ ଏନଜେନ କରୁଥିବା ଜୁଲମ ନେଇ ଆଲୋଚନା କରାଯାଇଥିଲା। ଏନ୍‌ଜେନର ଏପରି କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ମଞ୍ଚ ପକ୍ଷରୁ ଉଦ୍ୟମ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଉପଦେଷ୍ଟା ରାମଚନ୍ଦ୍ର ପାତ୍ର, ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ସାହୁ, ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଚକ୍ରଧର ନାୟକ ପ୍ରମୁଖ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଅଜୟ କୁମାର ଭଞ୍ଜ, ବାଉରୀବନ୍ଧୁ ବାରିକ, ପ୍ରକାଶ ଦାସ, ପି.ସି. ନାଥ, ନିରୋଦ କୁମାର ସାହୁ, ଜିତେନ୍ଦ୍ର କୁମାର ମିଶ୍ର, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଜିତେନ୍ଦ୍ର ପଟ୍ଟନାୟକ, ଯଶୋବନ୍ତ ପଟ୍ଟନାୟକ, ହୃଦୟାନନ୍ଦ ମହାନ୍ତି, ଅରବିନ୍ଦ ପାଣ୍ଡେଙ୍କ ସମେତ ବହୁ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ। ଘନଶ୍ୟାମ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ